# କ୍ରୀଡା ପାରଦର୍ଶିତା କେନ୍ଦ୍ର ନିମନ୍ତେ ମନୋନୟନ

ନଂ. 7138/SYS ଭୁବନେଶ୍ୱର ତା: 3/07/2013 ରିଖ

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ପ୍ରତିଷ୍ଠିତ କ୍ରୀଡା ପାରଦର୍ଶିତା କେନ୍ଦ୍ର ନିମନ୍ତେ ୨୦୧୩-୧୪ ଶିକ୍ଷାବର୍ଷ ପାଇଁ ମନୋନୟନ କାର୍ଯ୍ୟକ୍ରମ ନିମ୍ନଲିଖିତ ସ୍ଥାନ ଓ ନିର୍ଦ୍ଧିଷ୍ଟ ତାରିଖରେ ଅନୁଷ୍ଠିତ ହେବ ।

୧. ହକି (ବାଳକ ଓ ବାଳିକା) ତା: ୧୫ ଜୁଲାଇ ୨୦୧୩
ସ୍ଥାନ - ଭବାନୀପୁର କ୍ରୀଡା ପ୍ରାଙ୍ଗଣ, ସୁନ୍ଦରଗଡ ।

୨. ତୀରନ୍ଦାଜ (ବାଳକ ଓ ବାଳିକା) ତା: ୧୫ ଜୁଲାଇ ୨୦୧୩
ସ୍ଥାନ - ଭବାନୀପୁର କ୍ରୀଡା ପ୍ରାଙ୍ଗଣ, ସୁନ୍ଦରଗଡ ।

୩. ସିନିୟର ଫୁଟବଲ (ବାଳକ) ତା: ୨୧ ଜୁଲାଇ ୨୦୧୩
ସ୍ଥାନ - ସତ୍ୟବ୍ରତ ଷ୍ଟାଡିୟମ, କଟକ ।

୪. ଆଥଲେଟିକ୍ସ (ବାଳକ ଓ ବାଳିକା) ତା: ୨୭ ଜୁଲାଇ ୨୦୧୩
ସ୍ଥାନ - କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ।

୫. ଭାରୋତ୍ତଳନ (ବାଳକ ଓ ବାଳିକା) ତା: ୨୭ ଜୁଲାଇ ୨୦୧୩
ସ୍ଥାନ - କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ।

ଆଥଲେଟିକ୍ସ (ବାଳକ ଓ ବାଳିକା), ହକି (ବାଳକ ଓ ବାଳିକା) ଏବଂ ଭାରୋତ୍ତଳନ (ବାଳକ ଓ ବାଳିକା) କ୍ରୀଡା ଶୃଙ୍ଖଳାରେ ପ୍ରତିଯୋଗୀ ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସଂପୃକ୍ତ କ୍ରୀଡା ଶୃଙ୍ଖଳାରେ ଅନ୍ୟୂନ ୬ଷ୍ଠ ସ୍ଥାନ ହାସଲ କରିଥିବା କ୍ରୀଡାବିତ୍‌ମାନେ ଏଥିରେ ଭାଗ ନେଇପାରିବେ । କ୍ରୀଡାବିତ୍‌ମାନଙ୍କ ବୟସ ୩୧.୦୭.୨୦୧୩ ସୁଦ୍ଧା ୧୭ ରୁ ୨୦ ବର୍ଷ ବୟସ ମଧ୍ୟରେ ହୋଇଥିବା ଦରକାର ।

ସିନିୟର ଫୁଟବଲ (ବାଳକ) ପାଇଁ ପ୍ରତିଯୋଗୀଙ୍କ ବୟସ ୩୧.୦୭.୨୦୧୩ ସୁଦ୍ଧା ୧୮ ବର୍ଷରୁ କମ୍ ହୋଇଥିବା ଦରକାର ଏବଂ ପ୍ରତିଯୋଗୀ ଯେକୌଣସି ସ୍ୱୀକୃତୀପ୍ରାପ୍ତ ଜାତୀୟ ସ୍ତରୀୟ ଫୁଟବଲ୍ ପ୍ରତୀଯୋଗୀତାରେ ଭାଗ ନେଇଥିବା ଆବଶ୍ୟକ ।

ତୀରନ୍ଦାଜ (ବାଳକ ଓ ବାଳିକା) ପାଇଁ ପ୍ରତିଯୋଗୀଙ୍କ ବୟସ ୩୧.୦୭.୨୦୧୩ ସୁଦ୍ଧା ୧୬ ବର୍ଷରୁ କମ୍ ହୋଇଥିବା ଦରକାର ଏବଂ ପ୍ରତିଯୋଗୀ ଯେକୌଣସି ରାଜ୍ୟସ୍ତରୀୟ କିମ୍ବା ତଦୁର୍ଦ୍ଧ ତୀରନ୍ଦାଜୀ ପ୍ରତିଯୋଗୀତାରେ ଭାଗ ନେଇଥିବା ଦରକାର । ପ୍ରତିଯୋଗୀ ମାନେ ନିଜ ନିଜର ଧନୁ, ତୀର ଓ ଆନୁସଙ୍ଗିକ ସାମଗ୍ରୀ ଆଣିବା ବାଞ୍ଛନୀୟ । କ୍ରୀଡା ପ୍ରତିଭା ମାନଙ୍କୁ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ସକାଳ ୭ ଘଟିକା ସମୟରେ ମନୋନୟନ କାର୍ଯ୍ୟକ୍ରମରେ ଭାଗ ନେବାପାଇଁ କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ଅନୁରୋଧ କରାଯାଉଅଛି ।

କେବଳ ମନୋନୀତ ପ୍ରାର୍ଥୀମାନେ ଗସ୍ତ ଖର୍ଚ୍ଚ ପାଇପାରିବେ ।

କ୍ରୀଡା ନିର୍ଦ୍ଦେଶକ
ଓଡିଶା, ଭୁବନେଶ୍ୱର